SHREE JAGANNATHA TEMPLE ADMINISTRATION
Puri, Odisha

# ଶ୍ରୀମନ୍ଦିର ସମାଚାର

SHREE JAGANNATH TEMPLE BULLETIN

ଜାନୁଆରୀ - ୨୦୨୪ JANUARY-2024

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ

ଶ୍ରୀମନ୍ଦିର ଐତିହ୍ୟ ପରିକ୍ରମା ପ୍ରକଳ୍ପ ଶ୍ରୀମନ୍ଦିର ପ୍ରଶାସନ ତଥା ଭକ୍ତ ସମାଜର ଏକ ଦୀର୍ଘ ସମୟର ପ୍ରତୀକ୍ଷା । ପ୍ରତ୍ୟେକ ତୀର୍ଥସ୍ଥଳୀ ଏକ ପରିକ୍ରମା ମାର୍ଗ ଦ୍ୱାରା ପରିବେଷ୍ଟିତ । ମହାପ୍ରଭୁଙ୍କ ଦର୍ଶନ ସହିତ ଶ୍ରୀମନ୍ଦିର ପରିକ୍ରମା ଭକ୍ତ ହୃଦୟରେ ଏକ ଭାବାବେଗ ସୃଷ୍ଟି କରେ । ଅଧିକନ୍ତୁ ଶ୍ରୀବିଗ୍ରହମାନଙ୍କର ଦର୍ଶନରୁ ବଞ୍ଚିତ ଭକ୍ତ ସମୂହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରି ମହାପ୍ରଭୁଙ୍କର ସାନ୍ନିଧ ଲାଭକରି ସନ୍ତୋଷ ଲାଭ କରନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କର ଅଦମ୍ୟ ପ୍ରଚେଷ୍ଟାର ଫଳ ସ୍ୱରୂପ ଶ୍ରୀମନ୍ଦିର ଐତିହ୍ୟ ପରିକ୍ରମା ପ୍ରକଳ୍ପ ତା ୧୭.୧.୨୪ ରିଖ ବୁଧବାର ପୌଷ ଶୁକ୍ଳ ସପ୍ତମୀ ତିଥିରେ ଶ୍ରୀମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ତଥା ଗଜପତି ମହାରାଜା ଶ୍ରୀ ଶ୍ରୀ ଦିବ୍ୟସିଂହଦେବଙ୍କ ଉପସ୍ଥିତିରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ କରକମଳରେ ଲୋକାର୍ପିତ ହୋଇଅଛି ।



ସର୍ବପ୍ରଥମେ ତା ୧୭.୧.୨୪ ବୁଧବାର ଦିନ ଗଜପତି ମହାରାଜାଙ୍କ ଉପସ୍ଥିତିରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଅପରାହ୍ନ ଘ.୧.୩୦ମି. ମଧ୍ୟରେ ଯଜ୍ଞମଣ୍ଡପ ଠାରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଫଳକ ଉନ୍ମୋଚନ କରାଯାଇଥିଲା । ତତ୍‌ପରେ ଅପରାହ୍ନ ଘ.୧.୩୦ମି. ରୁ ୨ ଘଟିକା ମଧ୍ୟରେ ଗଜପତି ମହାରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କ ଦ୍ୱାରା ଯଜ୍ଞ ପୂର୍ଣ୍ଣାହୂତି, ଆରତି ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା । ପରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଗଜପତି ମହାରାଜା, ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀଯୁକ୍ତ ପ୍ରଦୀପ କୁମାର ଜେନା, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ମହାପାତ୍ର, ୫-ଟି ଅଧ୍ୟକ୍ଷ ଶ୍ରୀଯୁକ୍ତ ଭି.କେ.ପାଣ୍ଡିଆନ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସ, ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମା, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଡ. କେ.ଭି.ସିଂ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି, ସେବକ ଏବଂ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ଗହଣରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଅନ୍ତଃପ୍ରଦକ୍ଷିଣ ପଥରେ ନାମ ସଂକୀର୍ତ୍ତନସହ ଶୋଭାଯାତ୍ରାରେ ଯାଇ ଖାଲି ପାଦରେ ପରିକ୍ରମା କରିଥିଲେ । ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ଶ୍ରୀକ୍ଷେତ୍ର ମହାପ୍ରଭୁଙ୍କ ପତି ସମର୍ପଣ ଭାବରେ ମୁଖରିତ ହୋଇଥିଲା । ବେଦଧ୍ୱନି, ଘଣ୍ଟଘଣ୍ଟା ଓ ଶଙ୍ଖନାଦ ସହିତ ଭଜନ ଓ କୀର୍ତ୍ତନରେ ଶ୍ରୀକ୍ଷେତ୍ର ପ୍ରକମ୍ପିତ ହୋଇ ଉଠିଥିଲା । ପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଉତ୍ତର ଦ୍ୱାର ପାର୍ଶ୍ୱରେ ନିର୍ମାଣ କରାଯାଇଥିବା ସଭା ଗୃହରେ ଉପସ୍ଥିତ ରହି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନିର୍ମାଣରେ ନିୟୋଜିତ ଶ୍ରମିକ, ଶିଳ୍ପୀ, କାରିଗର, ଜେସିବି ଡ୍ରାଇଭର, ରାଜମିସ୍ତ୍ରୀ ଇତ୍ୟାଦିଙ୍କୁ ମୁଖ୍ୟମନ୍ତ୍ରୀ ଏବଂ ଗଜପତି ସମ୍ବର୍ଦ୍ଧିତ କରିଥିଲେ । ସଭାରେ ମଞ୍ଚାସୀନ ଥିଲେ ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ଶ୍ରୀମତୀ ପ୍ରମିଳା ମଲ୍ଲିକ ଏବଂ ପୁରୀ ବିଧାୟକ ଶ୍ରୀଯୁକ୍ତ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ । ଉକ୍ତ ସଭାସ୍ଥଳରେ ଉପସ୍ଥିତ ଥିବା ରାଜ୍ୟ ତଥା ରାଜ୍ୟ ବାହାରୁ ନିମନ୍ତ୍ରିତ ହୋଇ ଆସିଥିବା ଜଗନ୍ନାଥ ମନ୍ଦିରର ସଦସ୍ୟ, ଦେଶ ବାହାରୁ ଆସିଥିବା ମାନ୍ୟଗଣ ବ୍ୟକ୍ତି, ଉଚ୍ଚ ନ୍ୟାୟାଳୟର ବିଚାରପତି ଏବଂ ପ୍ରମୁଖ ବ୍ୟକ୍ତିବିଶେଷ ବୃନ୍ଦ ।

ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବରେ ପ୍ରବଳ ଜନସମାଗମ ହୋଇଥିଲା । ଲୋକାର୍ପଣ ଉତ୍ସବ ଲାଗି ସରକାରଙ୍କ ତରଫରୁ ଭବ୍ୟ ଆୟୋଜନ କରାଯାଇଥିଲା । ଆଲୋକମାଳା ଓ ଅନ୍ୟାନ୍ୟ ସାଜସଜ୍ଜାରେ ଶ୍ରୀମନ୍ଦିର ଝଲକି ଉଠିଥିଲା । ସିଂହଦ୍ୱାରରେ ରଙ୍ଗ ବେରଙ୍ଗର ପାରମ୍ପରିକ ଝୋଟି କଳା ଏହି ଆକର୍ଷଣକୁ ଦ୍ୱିଗୁଣିତ କରିଥିଲା । ଶ୍ରୀମନ୍ଦିର ଓ ନୀଳଚକ୍ରକୁ ସମ୍ପୂର୍ଣ୍ଣ ଆଲୋକରେ ଆଲୋକିତ କରାଯାଇଥିଲା । ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ପୁନରୁଦ୍ଧାର ହୋଇଥିବା ମଠ, ମନ୍ଦିରକୁ ବି ଆଲୋକମାଳାରେ ସଜ୍ଜିତ କରାଯାଇଥିଲା । ମଠ, ମନ୍ଦିରକୁ ବି ଫୁଲରେ ସଜା ଯାଇଥିଲା । ମହାଯଜ୍ଞ ସାଙ୍ଗକୁ ବେଦପାଠୀଙ୍କ ବେଦପାଠ ଓ ନାମ ସଂକୀର୍ତ୍ତନରେ ଶ୍ରୀକ୍ଷେତ୍ର ପ୍ରକମ୍ପିତ ହୋଇଥିଲା । ଏହି ଦିନ ଶ୍ରୀକ୍ଷେତ୍ରରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ପୋଲିସ୍ ପ୍ରଶାସନ ତରଫରୁ ଆନୁସଙ୍ଗିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଜିଲ୍ଲା ପ୍ରଶାସନ ତରଫରୁ ମଧ୍ୟ ବ୍ୟାପକ ବନ୍ଦୋବସ୍ତ ଗ୍ରହଣ କରାଯାଇଥିଲା । ଶ୍ରୀକ୍ଷେତ୍ରର ଏହି ପରିକ୍ରମା ପ୍ରକଳ୍ପର ଅପରୂପ ସୌନ୍ଦର୍ଯ୍ୟରେ ଅନେକ ଶ୍ରଦ୍ଧାଳୁ ଭକ୍ତ ଓ ପର୍ଯ୍ୟଟକ ବିମୋହିତ ହୋଇଥିଲେ । ଏହିପରି ଏକ ଦିବ୍ୟ ଏବଂ ବର୍ଣ୍ଣାଢ଼୍ୟପୂର୍ଣ୍ଣ ମହୋତ୍ସବକୁ ସୁଚାରୁ ରୂପେ ପରିଚାଳନା କରିପାରିଥିବାରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସ, ଜିଲ୍ଲା ପ୍ରଶାସନ, ପୋଲିସ୍ ପ୍ରଶାସନ ତଥା ଶ୍ରୀମନ୍ଦିର ପ୍ରଶାସନର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଅନ୍ତରର ନିଭୃତ କୋଣରୁ କୃତଜ୍ଞତା ଏବଂ ଧନ୍ୟବାଦ ଅର୍ପଣ କରିଅଛନ୍ତି । ●

## ନୂତନ ମୁଖ୍ୟ ପ୍ରଶାସକଙ୍କ ଦାୟିତ୍ୱ ଗ୍ରହଣ



ଶ୍ରୀମନ୍ଦିରର ନୂତନ ମୁଖ୍ୟ ପ୍ରଶାସକ ଭାବେ ଶ୍ରୀଯୁକ୍ତ ସମର୍ଥ ବର୍ମା, ଆଇ.ଏ.ଏସ୍ ତା. ୩୦.୧.୨୦୨୪ ରିଖ ଦିନ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ବିଧିବଦ୍ଧ ଦାୟିତ୍ୱ ଗ୍ରହଣ କରିଅଛନ୍ତି । ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟବୃନ୍ଦ, ପ୍ରଶାସନର ଅଧିକାରୀ ଏବଂ କର୍ମଚାରୀମାନେ ମୁଖ୍ୟ ପ୍ରଶାସକଙ୍କୁ ସ୍ୱାଗତ କରିଥିଲେ ।

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ବକୁଳ ଅମାବାସ୍ୟା :


ତା ୧୧.୧.୨୪ ରିଖ ଗୁରୁବାର ପୌଷ ଅମାବାସ୍ୟା ତିଥିରେ ବକୁଳ ଅମାବାସ୍ୟା ନୀତି ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ଆଳତି, ଅବକାଶ ବଢ଼ି ବେଶ ଲାଗିରେ ଖଣ୍ଡିଏ ଆଜ୍ଞାମାଳ ଲାଗି ହୋଇ ବେଶ ବଢ଼ିଥିଲା । ପରେ ଗୋପାଳବଲ୍ଲଭ ସରି ସକାଳ ଧୂପ ଛେକ ଆସିବା ସହିତ ବଉଳ ଗଇଁଠା ତାଟ ସ୍ୱତନ୍ତ୍ର ଭାବେ ବଢ଼ା ଯାଇଥିଲା । ପରେ ମୁଦିରସ୍ତ ପ୍ରସାଦ ଲାଗି କଲାପରେ ପାଳିଆ ପୂଜାପଣ୍ଡା ୩ ଜଣ ଷୋଡ଼ଶୋପଚାରରେ ଭୋଗ ସାରିଥିଲେ । ଭୋଗ ସରିଲା ପରେ ତାଟ ଥାଇ ମୁଦିରସ୍ତ, ପତିମହାପାତ୍ର, ପୂଜାପଣ୍ଡା ତିନି ବାଡ଼ରେ ବନ୍ଦାପନା କରିଥିଲେ । ପ୍ରସାଦ ବାହାରି ପାଣି ପଡ଼ିଲା ପରେ ଅମାବାସ୍ୟା ଦିଅଁ (ଶ୍ରୀନାରାୟଣ) ସିଂହାସନକୁ ବିଜେ ହୋଇ ଆଜ୍ଞାମାଳ ପାଇ ମୁକ୍ତିମଣ୍ଡପ ତଳେ ଥିବା ପାଲିଙ୍କିକୁ ବିଜେ କରି 'ସାଗର ବିଜେ' ନୀତି ପାଇଁ ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ଅଭିମୁଖେ ଯାତ୍ରା କରିଥିଲେ ।

## ଶ୍ରୀମନ୍ଦିରରେ ମକର ସଂକ୍ରାନ୍ତି :

ତା ୧୫.୧.୨୪ ରିଖ ସୋମବାର ମକର ସଂକ୍ରାନ୍ତି ହେତୁ ଶ୍ରୀମନ୍ଦିରରେ ପୂର୍ବ ପରମ୍ପରା ପ୍ରକାରେ ନୀତିମାନ ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୋଇଥିଲା । ମଙ୍ଗଳଆଳତି, ଅବକାଶ ନୀତି ବଢ଼ିବା ପରେ ଫୁଟା ପହରଣ ଲାଗି ସହିତ ତ୍ରିମୂର୍ତ୍ତିରେ ମକର ଚୂଳ ଲାଗି ହୋଇ କର୍ପୂର ଲାଗି ପୂର୍ବକ ବେଶ ବଢ଼ିଥିଲା । ପରେ ପାଣିପଡି ଗୋପାଳବଲ୍ଲଭ, ସକାଳ ଧୂପ ସରିଥିଲା । ସକାଳ ଧୂପ ସରିଲା ପରେ ମୈଲମ ହୋଇ ଯାତ୍ରାଙ୍ଗି ମହାସ୍ନାନ, ସର୍ବାଙ୍ଗ ଚନ୍ଦନ ଲାଗି ହୋଇ ନୂଆ ଲୁଗା ଏବଂ ଛଅମୂର୍ତ୍ତି ଅଳଙ୍କାର ଲାଗି ସହିତ ବେଶ ବଢ଼ି ପାଣିପଡି ଗୋପାଳବଲ୍ଲଭ, ସକାଳଧୂପ ସରିଥିଲା । ସକାଳ ଧୂପ ସରିଲା ପରେ ମୈଲମ ହୋଇ ଯାତ୍ରାଙ୍ଗି ମହାସ୍ନାନ, ସର୍ବାଙ୍ଗ ଚନ୍ଦନ ଲାଗି ହୋଇ ନୂଆ ଲୁଗା ଏବଂ ଛଅମୂର୍ତ୍ତି ଅଳଙ୍କାର ଲାଗି ସହିତ ବେଶ ବଢ଼ି ପାଣିପଡି ରୋଷକୁ ମଧ୍ୟାହ୍ନ ଧୂପ ଡାକି ଯାଇଥିଲା । ଘଣ୍ଟଛତା କାହାଳୀ ପଟୁଆର ସହିତ ତଳିଛ ପ୍ରଧାନୀ ହାତପୈଠ ପୂର୍ବକ ଭୋଗ ଛାମୁକୁ ଆସିଥିଲା । ମୁଦିରସ୍ତ ପ୍ରସାଦଲାଗି କରିବା ପରେ ତିନିଜଣ ପାଳିଆ, ପୂଜାପଣ୍ଡା ଷୋଡଶ ଉପଚାରରେ ମଧ୍ୟାହ୍ନ ଧୂପ ପୂଜା ବସିଥିଲେ । ଟେରା ପଡ଼ିବା ପରେ ମହାପ୍ରଭୁଙ୍କ ବାଡ଼ର ପାଳିଆ ପୂଜାପଣ୍ଡା, ରୋଷପାଇକ, ପତ୍ରୀବଡୁ, ସୁଆରବଡୁ ବାହରକୁ ଆସି ଭିତର ବେଢ଼ାରେ ଅଷ୍ଟଦିଗବଳି ଦେଇଥିଲେ ଏବଂ ଭିତରକୁ ଯିବା ପରେ ଭୋଗ ସମାପନ ହୋଇଥିଲା । ଏହାପରେ ପାଣି ପଡି ଟେରା ବନ୍ଧାଯାଇ ପୂର୍ବଦିନରୁ ଭୋଗମଣ୍ଡପ ଘରେ ଅଧିବାସ ହୋଇ ରହିଥିବା ମକର ଭୋଗ ନିମନ୍ତେ ଡାକି ଯାଇଥିଲା । ସ୍ମରଣଯୋଗ୍ୟ, ପୂର୍ବରୁ ଶୁଦ୍ଧସୁଆର ଗୋଦାମରୁ ନଡିଆ, ଘିଅ, ମିଠା, ମସଲା ଓ ଦୁଧସର ନେଇ ମକର ଚାଉଳ ପ୍ରସ୍ତୁତ କରିଥିଲେ । ପରେ ପନ୍ତୀବଡୁମାନେ ବାଘମୁହାଁ ବାନ୍ଧି ସ୍ୱତନ୍ତ୍ର ପଟୁଆରରେ ମକର ଚାଉଳକୁ ୩ ବେଢ଼ା ବୁଲାଇ ଛାମୁରେ ରଖିଥିଲେ । ଏହାପରେ ମହାଭୋଇ ଦୁଧ, ଗୁଡିଆ ଶାକର, ହଡପ ନାୟକ ନଳିପାନ ଓ ଛାଚିପାନ ବେଢ଼ାକୁ ଯାଇ ଛାମୁରେ ରଖିବା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ପଞ୍ଚୋପଚାରରେ ଭୋଗ ସରିଥିଲା । ଭୋଗ ସରିଲାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ବନ୍ଦାପନା କରିଥିଲେ ।

## ଶ୍ରୀମନ୍ଦିରରେ ଦେବାଭିଷେକ ଓ ପୁଷ୍ୟାଭିଷେକ ପୂର୍ଣ୍ଣିମା :

ତା ୨୫.୧.୨୪ ରିଖ ଗୁରୁବାର ପୌଷ ପୂର୍ଣ୍ଣମୀ ଅବସରରେ ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ବା ଦେବାଭିଷେକ ନୀତି ଯଥାରୀତି ଅନୁଷ୍ଠିତ



ହୋଇଥିଲା । ପୂର୍ବଦିନ ରାତ୍ର ଚନ୍ଦନଲାଗି ବଢ଼ିଲା ପରେ ପୂର୍ବରୁ ଧୋ-ପଖାଳ ହୋଇ ରହିଥିବା ଭୋଗମଣ୍ଡପ ଘରେ ପର୍ବଯାତ୍ରା ଯୋଗାଣିଆ ରୋଷ କୂଅରୁ ପାଣି ଆଣି ୮୭ ଗରାରେ ଜଳ ଭର୍ତ୍ତି କରିବା ସହିତ ୨୧ ଗରାରେ ଘିଅ ରଖିଥିଲେ । ମୋଟ ୧୦୮ ଗରାକୁ ୪ ବାଡ଼ କରି ରଖିଲା ପରେ ଚେମେଢ଼ି ପତନି ଘୋଡ଼ାଇ ଫୁଲ ଚନ୍ଦନ ଦିଆଯାଇ ଅଧିବାସ ହୋଇଥିଲା । ପରେ ତଢ଼ାଉ କରଣ ଉକ୍ତ ଦୁଆରକୁ ମୁଦ ଦେଇଥିଲେ । ତା'ପରେ ବଡ଼ସିଂହାର ବେଶ ବଢ଼ି ଭୋଗ ସରିଲା ପରେ ମହାପ୍ରଭୁଙ୍କ ସାମ୍ନା କାନ୍ଥ ନିକଟରେ ଏକଗୋଟି ଭଦ୍ରାସନ ରଖାଯାଇ ଏହାର ଚତୁଃପାର୍ଶ୍ୱରେ ମାଯିବାଡ଼ ଦିଆଯାଇଥିଲା । ଭଦ୍ରାସନ ଉପରେ ପାହାଡ଼ା ପଡ଼ି ଦର୍ପଣ ଅଧିବାସ ହୋଇ ରାତ୍ର ପହୁଡ଼ ହୋଇଥିଲା । ପୂର୍ଣ୍ଣମୀ ଦିନ ଦୈନନ୍ଦିନ ନୀତି ପ୍ରକାରେ ସକାଳ ଧୂପ ପୂଜା ବସିବା ସମୟରେ ପ୍ରତିହାରୀ ନିଯୋଗ ସାମନାରେ ହୋମ ହୋଇଥିଲା । ଧୂପ ସରିଲାପରେ ମହାପ୍ରଭୁଙ୍କ ବାଡ଼ରେ ମୈଲମ ହୋଇ ମହାସ୍ନାନ ପୂଜା ଠା' ହୋଇ ଭୋଗମଣ୍ଡପ ଘରୁ ୪ ବାଡ଼ରେ ଜଳ ଗରାମାନ ଗରାବଡୁମାନଙ୍କ ଦ୍ୱାରା ବାଘମୁହାଁ ସହିତ ଘଣ୍ଟ, ଛତା, କାହାଳୀ ପଟୁଆରରେ ଛାମୁକୁ ଆସିଲା ପରେ, ଖଇକୋରା ଭୋଗ ସରି ଅଭିଷେକ ନୀତି ସମାପନ ହୋଇଥିଲା ଏବଂ ପାଣିପଡ଼ି ତିନି ବାଡ଼ରେ ଅଭିଷେକ ବେଶ ହୋଇଥିଲା । ପରେ ଘଣ୍ଟ, ଛତା, କାହାଳୀ ସହିତ ତଳିଛ, ପ୍ରଧାନୀ ହାତ ପୈଠରେ ଛେକ ଛାମୁକୁ ଆସିଲା ପରେ ମହାଲକ୍ଷ୍ମୀ ମାଜଣା ହୋଇ ଶ୍ରୀଅଙ୍ଗରେ ଲାଗି ହୋଇଥିଲେ । ଭିତରଛ ଦଣ୍ଡଛତ୍ର ଧରିଥିଲେ, ପାଳିଆ ମେକାପ ଛତ୍ରର ବେଣ୍ଟକୁ ଜାବୁଡ଼ି ଧରିଥିଲେ । ଏହାପରେ ଭୋଗ ସରି ବନ୍ଦାପନା ହୋଇଥିଲା ଏବଂ ମୁଦିରସ୍ତ ଫୁଲଶର, ଆୟୁଧ ଲାଗି କରି ଚାମର, ଆଲଟ କରିଥିଲେ । ପରେ ଘସାବିଡ଼ିଆ, ଦହିପଟି ମଣୋହୀ ହୋଇ ଫୁଲଶର ମୈଲମ ହେବା ପରେ ରଘୁନାଥ ସିଂହାସନକୁ ବିଜେ ହୋଇ ଆଜ୍ଞାମାଳ ପାଇ ପାଲିଙ୍କିକୁ ବିଜେ ହୁଅନ୍ତେ ମୁଦିରସ୍ତ ବର୍ଷପଡ଼ି ଶାଢ଼ୀ ବାନ୍ଧିଥିଲେ । ମୁଦିରସ୍ତ ଶାଢ଼ୀ ବାନ୍ଧି ପାଳିଆ ଖୁଣ୍ଟିଆ ଓ ଆସ୍ଥାନ ପଢ଼ିଆରୀଙ୍କ ଉପସ୍ଥିତିରେ ଜମ୍ବେଶ୍ୱର ମନ୍ଦିରକୁ ଯାଇ ଭୋଗ ନୀତି ସାରି ସ୍ୱଗୃହକୁ ଆସନ୍ତେ ମଙ୍ଗଳାର୍ପଣ ହୋଇ ଅନ୍ୟାନ୍ୟ ନୀତିମାନ ହୋଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ଦିନ ଶ୍ରୀବିଗ୍ରହମାନଙ୍କର 'ସୁନାବେଶ' ହୋଇଥାଏ ।



ତା. ୩୦.୧.୨୪ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶ୍ରୀମନ୍ଦିର ପ୍ରଶାସନର ନୂତନ ମୁଖ୍ୟ ପ୍ରଶାସକ ଭାବେ ଶ୍ରୀଯୁକ୍ତ ସମର୍ଥ ବର୍ମାଙ୍କ କାର୍ଯ୍ୟରେ ଯୋଗଦାନ ଅବସରରେ ଉପସ୍ଥିତ ଶ୍ରୀମନ୍ଦିର ପ୍ରଶାସନର ଉଚ୍ଚପଦାଧିକାରୀବୃନ୍ଦ

## ଫେବୃଆରୀ ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୬.୨.୨୪ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଷଟ୍‌ତିଳା ଏକାଦଶୀ |
| ତା. ୧୦.୨.୨୪ ରିଖ ଶନିବାର | ଶ୍ରୀବିଗ୍ରହଙ୍କ ପଦ୍ମମୁଖ ବେଶ |
| ତା. ୧୪.୨.୨୪ ରିଖ ବୁଧବାର | ଶ୍ରୀମନ୍ଦିରରେ ବସନ୍ତ ପଞ୍ଚମୀ ଓ ରଥ କାଠ ଅନୁକୂଳ |
| ତା. ୨୦.୨.୨୪ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଭୌମୀ ଏକାଦଶୀ |
| ତା. ୨୪.୨.୨୪ ରିଖ ଶନିବାର | ଶ୍ରୀବିଗ୍ରହଙ୍କ ଗଜୋଦ୍ଧାରଣ ବେଶ |

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ














# ଫଟୋରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ













## (୨୧) ୧୮୭୯ ମସିହା ପୁରୀ ରଥଯାତ୍ରା
## (ଭାଗ-୧୪-ସଂଖ୍ୟା ୪୧ - ତା ୧୧ ରିଖ, ଅକ୍ଟୁବର)

ଏ ଯାତ୍ରାରେ ପୁଲିସର ଅଶିଷ୍ଟାଣ୍ଟ ସାହେବମାନେ ରଥରେ ବସିବା ଇତ୍ୟାଦି ବିଷୟ ଗବର୍ଣ୍ଣମେଣ୍ଟରେ ନିଷ୍ପତ୍ତି ହୋଇଅଛି । ଆମ୍ଭେମାନେ ଏଥି ପୂର୍ବେ ଅଶିଷ୍ଟାଣ୍ଟମାନଙ୍କର କଏଫିଅତ୍ ଉଲ୍ଲେଖ କରି ଯେପରି ଅଭିମତ ପ୍ରକାଶ କରିଥିଲୁଁ ସେହିପରି ଅଭିମତ ସହିତ ଶ୍ରୀଯୁକ୍ତ କମିଶ୍ନର ସାହେବ ଅଶିଷ୍ଟାଣ୍ଟମାନଙ୍କର କଏଫିଅତ୍ ଗବର୍ଣ୍ଣମେଣ୍ଟଙ୍କୁ ପଠାଇଥିଲେ । ମହାମାନ୍ୟ ଲେଫ୍ଟନେଣ୍ଟ ଗବର୍ଣ୍ଣର ସାହେବ ତହିଁରେ ଐକ୍ୟ ହୋଇ ବୋଲନ୍ତି ଯେ ଅଶିଷ୍ଟାଣ୍ଟ କକ ସାହେବ ରଥରେ କେତେକ ଥର ବସିଥିବା



ଓ ଥରେ ରଥରେ ବସି ଚୁହା ପାନ କରିଥିବା ଓ ଅଶିଷ୍ଟାଣ୍ଟ ରାବଟ ସାହେବ ଥରେ ରଥରେ ଆଉଜି ଠିଆ ହୋଇଥିବାର ସେମାନେ ସ୍ୱୀକାର କରି ଲେଖନ୍ତି ଯେ ଏହା ହିନ୍ଦୁଧର୍ମ ବିରୁଦ୍ଧ ଥିବାର ସେମାନଙ୍କୁ ଜଣା ନଥିଲା । ଏଥକୁ କକ ସାହେବ ନୂତନ ଓ ଯୁବା କର୍ମଚାରି ତାଙ୍କୁ ଜଣା ନଥିବ ମାତ୍ର ରାବଟ ସାହେବ ନୂତନ ନୁହନ୍ତି । ତାଙ୍କୁ ଏ ସବୁ କଥା ଜାଣିବାର ଉଚିତ ଥିଲା ଓ କକ ସାହେବ ତାଙ୍କ ଅଧୀନରେ କାର୍ଯ୍ୟ କରୁଥିବାରୁ ସେ ତାଙ୍କୁ ଆକଟ କରି ରଥରେ ବସାଇ ଦେଇ ନଥାନ୍ତେ ମୁସଲମାନ କନଷ୍ଟବଲ ନିଯୁକ୍ତ କରିବା ପକ୍ଷରେ ଯୁକ୍ତିଯୁକ୍ତ ଆପତ୍ତି ହୋଇ ନ ପାରେ ତଥାଚ ରଥଟଣା ବେଳ କଳାମାଟିଆ ପାଖରେ ହିନ୍ଦୁ କନଷ୍ଟବଲ ନିଯୁକ୍ତ କରିବାର ଉଚିତ୍ । ମେଜଷ୍ଟର ସାହେବ ପ୍ରତିଦିନ ରଥଯାତ୍ରାରେ ଉପସ୍ଥିତ ରହି ନ ପାରନ୍ତି । ତାଙ୍କର କର୍ତ୍ତବ୍ୟ ଏହି ଯେ ସେ ସବୁ ବନ୍ଦୋବସ୍ତ କରିଦେବେ ଓ ତଦନୁସାରେ କାର୍ଯ୍ୟ ଚାଲୁଅଛି କି ନା ସମୟ ସମୟରେ ଦେଖୁଥିବେ ।

ଆମ୍ଭେମାନେ ଯେପରି କକ ସାହେବଙ୍କ ଅପେକ୍ଷା ରାବଟ ସାହେବଙ୍କୁ ଅଧିକ ଦାୟୀ କରିଥିଲୁଁ ଲେଫ୍ଟନେଣ୍ଟ ଗବର୍ଣ୍ଣର ସାହେବ ମଧ୍ୟ ତଦ୍ରୂପ ମୀମାଂସା କରିଅଛନ୍ତି କିନ୍ତୁ ତାଙ୍କୁ ଅତି ସହଜରେ ଛାଡ଼ି ଦେଇଅଛନ୍ତି । ଆମ୍ଭମାନଙ୍କ ବିବେଚନାରେ ରାବଟ ସାହେବଙ୍କ ପ୍ରତି କିଛି ଆକଟ ଆଜ୍ଞା ହେବାର ଆବଶ୍ୟକ ଥିଲା । ଯାହା ହେଉ ଆମ୍ଭେମାନେ ଭରସା କରୁଁ ଯେ ସେପରି ଧର୍ମ ବିରୁଦ୍ଧ କାର୍ଯ୍ୟ ଭବିଷ୍ୟତରେ ନ ହେବା ପକ୍ଷରେ ଏହା ହିଁ ଯଥେଷ୍ଟ ହେବ ।

ଏ ସଂକ୍ରାନ୍ତରେ ପୁରୀ ମେଜଷ୍ଟର ସାହେବ ରଥ ଚଳିବା କାରଣ ଟ୍ରାମଇଏର ପ୍ରସ୍ତାବ କରିଥିଲେ । (ରେଲଉଏ ପରି ଟ୍ରାମଉଏ ହୁଏ ମାତ୍ର ଏ ଦୁଇରେ ଅଳ୍ପ ପ୍ରଭେଦ ଅଛି) ଲେଫ୍ଟନେଣ୍ଟ ଗବର୍ଣ୍ଣର ସାହେବ କମିଶ୍ନର ସାହେବଙ୍କ ସହିତ ଐକ୍ୟ ହୋଇ ତାହା ଅସାଧ୍ୟ ବୋଲି ଅଗ୍ରାହ୍ୟ କରିଅଛନ୍ତି । ପୁରୀର ରଥମାନ ଅତି ପ୍ରକାଣ୍ଡ ଓ ଭିନ୍ନପଙ୍କ୍ତିରେ ଅନେକ ଚକ ତହିଁରେ ସଂଯୁକ୍ତ । କଲେକ୍ଟର ସାହେବ ଏହା ଦେଖି ଶୁଣି କିପରି ଟ୍ରାମଉଏର ପ୍ରସ୍ତାବ କଲେ ଆଶ୍ଚର୍ଯ୍ୟର ବିଷୟ । ଏଥିରେ ଅନେକ ଖର୍ଚ୍ଚା ଓ ଭାରୀ ପରିଶ୍ରମ ହୁଅନ୍ତା ଓ ପରିଶେଷ ତାହା ସଫଳ ହୁଅନ୍ତା କି ନାହିଁ ସନ୍ଦେହ । ପୁଣି ପୁରାତନ ହିନ୍ଦୁମାନଙ୍କର ତହିଁପ୍ରତି ଆପତ୍ତି ହୋଇ ପାରନ୍ତା । ଲେଫ୍ଟନେଣ୍ଟ ଗବର୍ଣ୍ଣର ସାହେବ ସୁବିଚାର ପୂର୍ବକ ସେ ପ୍ରସ୍ତାବକୁ ଅଗ୍ରାହ୍ୟ କରିଅଛନ୍ତି । ●

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । ଶ୍ରୀମନ୍ଦିର ପ୍ରଶାସନ, ପୁରୀ



## ପୁସ୍ତକ-ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପଦ୍ଧତି

ପୂର୍ବ ପ୍ରକାଶିତ ଉତ୍ତାରୁ ....

### ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପୂଜାବିଧି :
ଓଁ ଶ୍ରୀଗଣେଶାୟ ନମଃ

### ଅବିଘ୍ନମସ୍ତୁ
''ମଙ୍ଗଳାଚରଣମ୍''

ନୀଳାଚଳନିବାସାୟ ନିତ୍ୟାୟ ପରମାତ୍ମନେ ।
ବଳଭଦ୍ରସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ ॥

ପଶ୍ଚିମେ ବରୁଣଃ ପାତୁ ବାୟବ୍ୟେ ବାୟୁଦେବତା ।
ଉତ୍ତରେ ଧନଦଃ ପାତୁ ଐଶାନ୍ୟାମୀଶ୍ୱରଃ ପ୍ରଭୁଃ ॥
ଉର୍ଦ୍ଧ୍ୱେ ପିତାମହଃ ପାତୁ ଅଧୋଽନନ୍ତୋ ବିଭୁଃ ସଦା ।
ଏବଂ ଦଶଦିଶୋ ରକ୍ଷାଂ କୁର୍ବନ୍ତୁ ଦେବତା ଗଣାଃ ॥

ଓଁ ନମଃ ପର୍ଣ୍ଣାୟ ଚ ପର୍ଣ୍ଣଶଦାୟ ଚ ନମ ଉଦ୍‌ଗୁରମାଣାୟ ଚାଭିଘ୍ନତେ ଚ ।
ନମ ଆଖିଦତେ ଚ ପ୍ରଖିଦତେ ଚ ନମ ଇଷୁକୃଦ୍‌ଭ୍ୟୋ ଧନୁଷ୍କୃଦ୍ଭ୍ୟଶ୍ଚ ବୋ ନମଃ ।
ନମୋ ବଃ କିରିକେଭ୍ୟୋ ଦେବାନାଂ ହୃଦୟେଭ୍ୟୋ ନମୋ ବିଚିନ୍ୱତ୍କେଭ୍ୟୋ
ନମୋ ବିକ୍ଷିଣତ୍କେଭ୍ୟୋ ନମଃ ଆନିର୍ହତେଭ୍ୟଃ
(ଅନେନ କଳଶେ ପଲ୍ଲବଦାନମ୍)

ଓଁ ଯାଃ ଫଳିନୀର୍ଯା ଅଫଳା ଅପୁଷ୍ପା ଯାଶ୍ଚ ପୁଷ୍ପିଣୀଃ ।
ବୃହସ୍ପତି ପ୍ରସୂତାସ୍ତାନୋ ମୁଞ୍ଚନ୍ତ୍ୱଂ ହସଃ । (ଅନେନ ଶ୍ରୀଫଳଦାନମ୍)
ଓଁ ଯଶସାମାଦ୍ୟାବା ପୃଥିବୀ ଯଶସେନ୍ଦ୍ରା ବୃହସ୍ପତିଃ
ଯଶୋଭଗଶ୍ଚ ମାବିଦ୍ଦ୍‌ ଯଶୋ ମାଂ ପ୍ରତିପଦ୍ୟତାମ୍ (ଅନେନ ବସ୍ତ୍ରଦାନମ୍)
ଓଁ ଗନ୍ଧଦ୍ୱାରାଂ ଦୁରାଧର୍ଷାଂ ନିତ୍ୟପୁଷ୍ଟାଂ କରିଷିଣୀଂ ।
ଈଶ୍ୱରୀଂ ସର୍ବଭୂତାନାଂ ତ୍ୱାମିହୋପହ୍ୱୟେ ଶ୍ରିୟମ୍ । (ଅନେନ ଗନ୍ଧଦାନମ୍)
ଓଁ ଶ୍ରୀଶ୍ଚତେ ଲକ୍ଷ୍ମୀଶ୍ଚ ପତ୍ନ୍ୟା ଅହୋରାତ୍ରେ ପାର୍ଶ୍ୱେ ନକ୍ଷତ୍ରାଣି
ରୂପମଶ୍ୱିନୋବ୍ୟାତ୍ତମ୍ । ଇଷ୍ଣନ୍ନିଷାଣାମୁମ୍ମ ଇଷାଣ ସର୍ବଲୋକଂ ମ ଇଷାଣ ।
(ଅନେନ ପୁଷ୍ପଦାନମ୍)
ଓଁ ସିନ୍ଧୋରିବ ପ୍ରାଧ୍ୱନେଶୂ ଘନାସୋବାତ ପ୍ରମିୟଃ ପତୟନ୍ତି ଯହ୍ୱାଃ ।
ଘୃତସ୍ୟ ଧାରା ଅରୁଷୋନ ବାଜୀ କାଷ୍ଠାଭିନ୍ଦନ୍ନୁର୍ମିଭିଃ ପିନ୍ୱମାନଃ ।
(ଅନେନ ସିନ୍ଦୂର ଦାନମ୍)
କଳଶସ୍ୟ ମୁଖେ ରୁଦ୍ରଃ କଣ୍ଠେ ବିଷ୍ଣୁଃ ପ୍ରକୀର୍ତ୍ତିତଃ ।
ଅଧଶ୍ଚୈବ ସ୍ଥିତୋ ବ୍ରହ୍ମା ମଧ୍ୟେ ମାତୃଗଣାଃ ସ୍ଥିତାଃ ॥
କୁକ୍ଷୌ ତୁ ସାଗରାଃ ସପ୍ତ ସପ୍ତଦ୍ୱୀପାଶ୍ଚ ମେଦିନୀ ।
ଉଦରେ ସର୍ବତୀର୍ଥାନି ଚିନ୍ତୟିତ୍ୱା ପ୍ରପୂଜୟେତ୍ ॥
ରୁଦ୍ରାଦି ଚିନ୍ତନଂ କୃତ୍ୱା 'ଘଟ ସ୍ଥାଂ ସ୍ଥୀଂ ସ୍ଥିରୋଭବ' (ଅନେନ ଅକ୍ଷତ ଦାନମ୍) ।
ଓଁ ଗଣାନାଂ ତ୍ୱା ଗଣପତିଂ ହବାମହେ ପ୍ରିୟାଣାଂ ତ୍ୱା ପ୍ରିୟପତିଂ ହବାମହେ ।
ନିଧୀନାଂ ତ୍ୱା ନିଧିପତିଂ ହବାମହେ ବସୋ ମମ । ଓଁ ଗଣପତୟେ ନମଃ,
ଗଣପତିମାବାହୟାମି, ଗଣପତେ ଅତ୍ରାଗଚ୍ଛ ।
ଓଁ ବରୁଣସ୍ୟୋତ୍ତମ୍ଭନମସି ବରୁଣସ୍ୟ ସ୍କମ୍ଭସର୍ଜନୀସ୍ଥଃ । ବରୁଣସ୍ୟ ଋତ
ସଦନ୍ୟସି ବରୁଣସ୍ୟ ଋତସଦନମସି ବରୁଣସ୍ୟ ଋତସଦନୀମାସୀଦ ।
ଓଁ ବରୁଣାୟ ନମଃ, ବରୁଣମାବାହୟାମି, ବରୁଣ ଅତ୍ରାଗଚ୍ଛ ।
ଓଁ ଆକୃଷ୍ଣେନ ରଜସା ବର୍ତମାନୋ ନିବେଶୟନ୍ନମୃତଂ ମର୍ତ୍ତ୍ୟଂ ଚ ।
ହିରଣ୍ୟୟେନ ସବିତା ରଥେନା ଦେବୋଯାତି ଭୁବନାନି ପଶ୍ୟନ୍ ।
ଓଁ ଆଦିତ୍ୟାଦି ନବଗ୍ରହେଭ୍ୟୋ ନମଃ, ଆଦିତ୍ୟାଦି ନବଗ୍ରହାନ୍ନାବାହୟାମି,
ଆଦିତ୍ୟାଦିନବଗ୍ରହାଃ ଅତ୍ରାଗଚ୍ଛତ । ●

(କ୍ରମଶଃ...)

ପୂର୍ବ ପ୍ରକାଶିତ ଉତ୍ତାରୁ ....

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୬) ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନ

ଶ୍ରୀମନ୍ଦିରରେ ଚୈତ୍ର ଶୁକ୍ଳ ନବମୀ ତିଥିରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଜନ୍ମୋତ୍ସବ ଅନୁଷ୍ଠିତ ହେବାପରେ ଶ୍ରୀରାମ ଲୀଳା ବିଭିନ୍ନ ସାହି ପକ୍ଷରୁ ଅନୁଷ୍ଠିତ ହୋଇଥାଏ । ସେହି କ୍ରମରେ ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଅନୁଷ୍ଠିତ ହୁଏ ମାୟାମୃଗ ଲୀଳା ।

**ମାୟାମୃଗ ଲୀଳା :** ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ି ସନ୍ଧ୍ୟା ଆଳତି ବେଶରେ ମହାପ୍ରଭୁଙ୍କୁ ଦୁଇଖଣ୍ଡ ଆଜ୍ଞାମାଳ ଲାଗି କରାଯାଏ । ସନ୍ଧ୍ୟା ଆଳତି ହୋଇ ସନ୍ଧ୍ୟା ଧୂପ ବଢ଼ିବା ପରେ ଦକ୍ଷିଣି ଘରେ ବିଜେ କରିଥିବା ଦୁଇ ବିଜେ ପ୍ରତିମା ଶ୍ରୀରାମଚନ୍ଦ୍ର ଓ ଶ୍ରୀଲକ୍ଷ୍ମଣ ରତ୍ନ ସିଂହାସନକୁ ମହାଜନ ସେବକମାନଙ୍କ ଦ୍ୱାରା ବିଜେ ହୁଅନ୍ତି । ପୂଜାପଣ୍ଡା ଉଭୟ ବିଜେ ପ୍ରତିମାଙ୍କୁ ଆଜ୍ଞାମାଳ ପ୍ରଦାନ କରନ୍ତି । ଏହାପରେ ଘଣ୍ଟ, ଛତା, କାହାଳୀ ଓ ଛାମୁଦିହୁଡ଼ି ସହ ମହାଜନ ସେବକମାନେ ବିଜେ ପ୍ରତିମାମାନଙ୍କୁ ନେଇ ମୁକ୍ତିମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରାନ୍ତି । ବିମାନବଡୁ ସେବକମାନେ ପାଲିଙ୍କିକୁ ସ୍କନ୍ଧରେ ବହନ କରି ସିଂହଦ୍ୱାର ଦେଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ନେଇଥାଆନ୍ତି । ପାଲିଙ୍କି ମଠରେ ପହଞ୍ଚିବା ପରେ ବିଜେ ପ୍ରତିମା ଶ୍ରୀରାମଚନ୍ଦ୍ର ଓ ଶ୍ରୀଲକ୍ଷ୍ମଣଙ୍କୁ ମଠର ବିଜେ ଘରେ ପଡ଼ିଥିବା ଖଟଶେଯ ଉପରକୁ ବିଜେ କରାଯାଏ । ଏହାପରେ ବିଜେ ପ୍ରତିମାଙ୍କ ଠାରୁ ପ୍ରସାଦମାଳା ନେଇ ମଠର ମହାବୀରଙ୍କୁ ପ୍ରଦାନ କରାଯାଏ । ମଠକୁ କୁଣ୍ଢେଇବେଣ୍ଟ ସାହିର ଯୁବକ ମାୟାରାବଣ ବେଶ ଧାରଣ କରି ଆସନ୍ତି । ତାଙ୍କ ସହ ଆଉ ଦୁଇଜଣ ଯୁବକ ଶ୍ରୀରାମ ଓ ଲକ୍ଷ୍ମଣ ବେଶ ଧାରଣ କରି ଆସିଥାଆନ୍ତି । ମାୟାରାବଣ ବିଜେ ପ୍ରତିମାଙ୍କ ସମକ୍ଷରେ ନୃତ୍ୟ ପରିବେଷଣ କରି ବାହୁଡ଼ି ଯିବା ପରେ କାଗଜପଟାରେ ଚିତ୍ରିତ ମୃଗକୁ ଦୁଇ ବିଜେ ପ୍ରତିମାଙ୍କ ସମକ୍ଷରେ ରଖାଯାଏ । ଲକ୍ଷ୍ମଣ ବେଶ ଧାରଣ କରିଥିବା ଯୁବକ ଧନୁଶରକୁ ବିଜେ ପ୍ରତିମାଙ୍କ ଶ୍ରୀଚରଣରେ ସ୍ପର୍ଶ କରାଇ ଚିତ୍ରିତ ମାୟାମୃଗକୁ ଲାଖ ବିନ୍ଧିବା ପରେ ପୂଜାପଣ୍ଡା ଠାକୁରମାନଙ୍କ ନିକଟରେ ଶୀତଳଭୋଗ ମଣୋହି କରିଥାଆନ୍ତି । ବନ୍ଦାପନା ବଢ଼ିବା ପରେ ବିଜେ ପ୍ରତିମାମାନେ ଯଥାବିଧି ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରି ଦକ୍ଷିଣିଘରେ ଅବସ୍ଥାନ କରିଥାଆନ୍ତି ।



**ଲଙ୍କାପୋଡ଼ି ଲୀଳା :** ଚୈତ୍ରମାସ ପୂର୍ଣ୍ଣମୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀରାମ ଲୀଳା କ୍ରମରେ ଲଙ୍କାପୋଡ଼ି ଲୀଳା ଅନୁଷ୍ଠିତ ହୋଇଥାଏ । ଏହିଦିନ ଅନ୍ୟାନ୍ୟ ନୀତି ବଢ଼ି ସନ୍ଧ୍ୟା ଆଳତି ବେଶରେ ମହାପ୍ରଭୁଙ୍କୁ ଦୁଇଖଣ୍ଡ ଆଜ୍ଞାମାଳ ଲାଗି କରାଯାଏ । ସନ୍ଧ୍ୟାଧୂପ ବଢ଼ିବା ପରେ ଦକ୍ଷିଣଘରେ ଅବସ୍ଥାନ କରିଥିବା ଶ୍ରୀରାମ ଓ ଶ୍ରୀଲକ୍ଷ୍ମଣ ବିଜେ ପ୍ରତିମାଦ୍ୱୟଙ୍କୁ ରତ୍ନସିଂହାସନକୁ ବିଜେ କରାଯାଏ । ପୂଜାପଣ୍ଡା ସେବକ ଦୁଇ ବିଜେ ପ୍ରତିମାମାନଙ୍କୁ ଆଜ୍ଞାମାଳ ପ୍ରଦାନ କରନ୍ତି । ଆଜ୍ଞାମାଳ ପାଇବା ପରେ ଘଣ୍ଟ, ଛତା, କାହାଳୀ ଓ ଛାମୁଦିହୁଡ଼ି ସହ ମହାଜନ ସେବକମାନଙ୍କ ହାତରେ ଉଭୟ ବିଜେ ପ୍ରତିମା ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ ହୁଅନ୍ତି । ବିମାନବଡୁ ସେବକମାନେ ସ୍କନ୍ଧରେ ପାଲିଙ୍କି ବହନ କରି ସିଂହଦ୍ୱାରା ଦେଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ଯା'ନ୍ତି । ସେଠାରେ ଦୁଇ ବିଜେ ପ୍ରତିମାଙ୍କୁ ବିଜେ ଘର ଖଟଶେଯରେ ବିଜେ କରାଯାଏ । ବିଜେ ପ୍ରତିମାଙ୍କ ଠାରୁ ପ୍ରସାଦମାଳ ମଠ ମହାବୀରଙ୍କୁ ପ୍ରଦାନ କରାଯିବା ପରେ ଦୋଳମଣ୍ଡପ ସାହି ପକ୍ଷରୁ ଲଙ୍କାପୋଡ଼ି ଲୀଳା ଅନୁଷ୍ଠିତ ହୋଇଥାଏ । ଦୋଳମଣ୍ଡପ ସାହିରୁ ଜଣେ ଯୁବକ ହନୁମାନ ବେଶ ଧାରଣ କରି ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଉପସ୍ଥିତ ହୁଅନ୍ତି । ବିଜେ ପ୍ରତିମା ବିଜେ କରିଥିବା ବିଜେ ସ୍ଥଳୀର କିଛି ଦୂରରେ ନଡ଼ା ବିଛା ଯାଇଥାଏ । ହନୁମାନ ବେଶଧାରୀ ଯୁବକ ବିଜେ ପ୍ରତିମାଙ୍କ ସମକ୍ଷରେ ନୃତ୍ୟ ପ୍ରଦର୍ଶନ କରି ଛାମୁଦିହୁଡ଼ିରୁ ନିଆଁ ନେଇ ନଡ଼ାରେ ଲଗାଇ ଜାଳି ଦିଅନ୍ତି । ଏହିପରି ଭାବରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଲଙ୍କାପୋଡ଼ି ନୀତି ପାରମ୍ପରିକ ବିଧି ଅନୁଯାୟୀ ଅନୁଷ୍ଠିତ ହେବା ପରେ ବିଜେ ପ୍ରତିମାଙ୍କ ନିକଟରେ ଶୀତଳଭୋଗ ଓ ବନ୍ଦାପନା କରାଯାଏ । ଏସବୁ କାର୍ଯ୍ୟ ସମ୍ପନ୍ନ ହେବା ପରେ ଶ୍ରୀରାମ ଓ ଶ୍ରୀଲକ୍ଷ୍ମଣ ବିଜେ ପ୍ରତିମାଦ୍ୱୟ ପାଲିଙ୍କିରେ ବିଜେ ହୋଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରି ଦକ୍ଷିଣଘରେ ଅବସ୍ଥାନ କରନ୍ତି ।

**ସେତୁବନ୍ଧ ଲୀଳା :** ବୈଶାଖ କୃଷ୍ଣ ପ୍ରତିପଦା ତିଥିରେ ସେତୁବନ୍ଧ ଲୀଳା ଅନୁଷ୍ଠିତ ହୋଇଥାଏ । ଏହିଦିନ ସନ୍ଧ୍ୟା ସମୟରେ ବାଲିସାହି ଆଖଡ଼ା ପକ୍ଷରୁ ଜଣେ ବ୍ୟକ୍ତି ରାବଣ ବେଶରେ ସଜ୍ଜିତ ହୋଇ ଶ୍ରୀଯମେଶ୍ୱର ମହାଦେବଙ୍କ ମନ୍ଦିରକୁ ଯାଇ ସେଠାରେ ଥିବା ଅଶ୍ୱସ୍ଥ ବୃକ୍ଷ ମୂଳରେ ଯଜ୍ଞ କରିଥାଆନ୍ତି । ସେହି ବୃକ୍ଷ ନିକୁମ୍ଭିଳା ବଟ ନାମରେ ଖ୍ୟାତ । ସେଠାରେ ଯଜ୍ଞ ହେଉଥିବା ସମୟରେ ଜଣେ ବ୍ୟକ୍ତି ହନୁମାନ ବେଶଧାରଣ କରି ପହଞ୍ଚି ଯଜ୍ଞକୁ ଭଙ୍ଗ କରିଥାଆନ୍ତି । ଏହିଦିନ ସନ୍ଧ୍ୟା ଆଳତି ବେଶରେ ମହାପ୍ରଭୁଙ୍କୁ ଦୁଇଖଣ୍ଡ ଆଜ୍ଞାମାଳ ଲାଗି ହୋଇଥାଏ । ସନ୍ଧ୍ୟାଧୂପ ବଢ଼ିବା ପରେ ଦକ୍ଷିଣି ଘରୁ ବିଜେପ୍ରତିମା ଶ୍ରୀରାମଚନ୍ଦ୍ର ଓ ଶ୍ରୀଲକ୍ଷ୍ମଣ ରତ୍ନସିଂହାସନକୁ ବିଜେ କରିବା ପରେ ଆଜ୍ଞାମାଳ ପାଇ ମହାଜନ ସେବକମାନଙ୍କ ହାତରେ ଆସି ମୁକ୍ତିମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରନ୍ତି । ଏହାପରେ ବିମାନବଡୁ ସେବକମାନେ ପାଲିଙ୍କି ନେଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ଯାଇଥାଆନ୍ତି । ସେଠାରେ ଦୁଇ ବିଜେପ୍ରତିମାଙ୍କୁ ବିଜେ ଘରେ ପଡ଼ିଥିବା ଖଟଶେଯରେ ବିଜେ କରାଯାଏ । ଏହାପରେ ବିଜେପ୍ରତିମାଙ୍କଠାରୁ ପ୍ରସାଦମାଳ ନେଇ ମଠମହାବୀରଙ୍କୁ ପ୍ରଦାନ କରାଯାଇଥାଏ । ଏଥିମଧ୍ୟରେ ଶ୍ରୀଯମେଶ୍ୱର ମହାଦେବଙ୍କ ମନ୍ଦିରରୁ ରାବଣ ଆସି ମଠରେ ଉପସ୍ଥିତ ହୁଅନ୍ତି । ବିଜେପ୍ରତିମାଙ୍କ ସମ୍ମୁଖଭାଗରେ ପଥର ଖଞ୍ଜାଯାଇ ସେତୁବନ୍ଧ ନିର୍ମାଣ କରାଯାଇଥାଏ । ରାବଣ ସେଠାରେ ନୃତ୍ୟ ପରିବେଷଣ କରନ୍ତି । ଏହିପରିଭାବରେ ସେତୁବନ୍ଧ ନୀତି ସାରି ରାବଣ ଫେରିଯାଇଥାଆନ୍ତି । ଏହାପରେ ବିଜେପ୍ରତିମାଙ୍କ ନିକଟରେ ଶୀତଳଭୋଗ ଓ ବନ୍ଦାପନା ନୀତି ସମ୍ପନ୍ନ ହେବାପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରି ଦକ୍ଷିଣଘରେ ଅବସ୍ଥାନ କରିଥାଆନ୍ତି ।

(କ୍ରମଶଃ..)

*ଡକ୍ଟର ନରେଶ ଚନ୍ଦ୍ର ଦାଶ*

● *ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*

ଜାଣିବା କଥା ...

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

**୧.** ପ୍ର - ଶ୍ରୀମନ୍ଦିରରେ 'ଜାଗର ବଇଠା' କହିଲେ କ'ଣ ବୁଝାଯାଏ ?

ଉ - ଶ୍ରୀଠାକୁରଙ୍କ ସମ୍ମୁଖରେ ଜଳୁଥିବା ବଇଠା ଦୀପ ।

**୨.** ପ୍ର - ଶ୍ରୀକ୍ଷେତ୍ରର 'ଜାଗାଘର' କ'ଣ ଗୁରୁତ୍ୱ ବହନ କରିଥାଏ ?

ଉ - ଶରୀର ଚର୍ଚ୍ଚା, ନୃତ୍ୟ, ସଙ୍ଗୀତ, ଅମୋଦ ପ୍ରମୋଦାଦି ଉଦ୍ଦେଶ୍ୟରେ ପୁରୀର କେତେକ ପ୍ରାଚନୀ ପ୍ରତିଷ୍ଠାନ । ଏହି ଜାଗାଘର ରାଜ ପ୍ରତିଷ୍ଠିତ ଓ ପୃଷ୍ଠପୋଷକତା ତଥା ସନ୍ନ୍ୟାସୀମାନଙ୍କ ଦ୍ୱାରା ଓ ବହୁମାନ୍ୟ ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଗଠିତ । ଏହି ସବୁ ଘରେ ଶକ୍ତି ଓ ପୌରୁଷର ପ୍ରତୀକ ଭାବରେ ମହାବୀର ହନୁମାନ ଜାଗା ମଧ୍ୟରେ ପ୍ରତିଷ୍ଠିତ ଥାଆନ୍ତି । ପୁରୀର ସାଙ୍ଗ, ଭାଙ୍ଗ, ସଙ୍ଗୀତ, ପଙ୍ଗତ ସଂସ୍କୃତିର ମନ୍ଦିର ଏହି ଜାଗାଘର । ପୁରୀର ଜୀବନ ଚର୍ଚ୍ଚା ଏହାକୁ କେନ୍ଦ୍ରକରି ଗଢ଼ି ଉଠିଛି । ଏହି ସବୁ ଜାଗାଘର ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର ସୁରକ୍ଷା ନିମନ୍ତେ ଅଭିପ୍ରେତ ବୋଲି କେହି କେହି ମତ ଦିଅନ୍ତି ।

**୩.** ପ୍ର - ଶ୍ରୀମନ୍ଦିର ପୂଜା-ପଦ୍ଧତିରେ ଜେଉଡ଼ ଭୋଗ କ'ଣ ଗୁରୁତ୍ୱ ବହନ କରିଥାଏ ?

ଉ - ଏହା ଏକ ପ୍ରକାର ଭୋଗ । ଶ୍ରୀରାମ, ଶ୍ରୀକୃଷ୍ଣ, ବାମନ ଓ ନୃସିଂହଙ୍କ ଜନ୍ମ ତିଥିର ପୂର୍ବଦିନ ଏହା ଠାକୁରଙ୍କୁ ଲାଗି ହୁଏ । ଜେଉଡ଼ ସହିତ ଏହି ଭୋଗରେ ଶାଗ, ତରକାରୀ, ପିଠା, ଝିଲି, ସାନ ଆରିସା, ଓରିଆ, ଖିରୀ ପ୍ରଭୃତି ଭୋଗ ଲାଗି ହୋଇଥାଏ ।

**୪.** ପ୍ର- ଶ୍ରୀମନ୍ଦିର ପର୍ବ-ପର୍ବାଣୀରେ 'ଜ୍ୟେଷ୍ଠ ଶୁକ୍ଳ ଦଶମୀ, କ'ଣ ଗୁରୁତ୍ୱ ବହନ କରିଥାଏ ?

ଉ- ଏହି ଦିନ ଶ୍ରୀମନ୍ଦିରରେ ରୁକ୍ମିଣୀ ବିବାହ ପ୍ରସ୍ତାବ ଶୁଣି ମହାପ୍ରଭୁ ରାଜେନ୍ଦ୍ରାଭିଷେକ ହୁଅନ୍ତି ।

**୫.** ପ୍ର- ଶ୍ରୀମନ୍ଦିରରେ 'ଜେନାମଣି ଭୋଗ' କହିଲେ କ'ଣ ବୁଝାଯାଏ ?

ଉ- ଶ୍ରୀବିଗ୍ରହଙ୍କ ପାଖରେ ଦ୍ୱିପ୍ରହର ଧୂପରେ ଲାଗି ହେଉଥିବା ବିରିପିଠା । ଶ୍ରୀନଅରକୁ ଯୁବରାଜଙ୍କ ନିମନ୍ତେ ପଠାଯାଉଥିବା ଡାଟ ଭୋଗ ପ୍ରଦାନ ।

● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

# ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାନ ବ୍ୟବସ୍ଥା

## (କ) ଦାନ ଯୋଜନା (Donation Schemes)

ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ପ୍ରଶାସନକୁ ଜଣେ ଦାତା ନିମ୍ନ ଦାନ ଯୋଜନାଗୁଡ଼ିକ ମଧ୍ୟରେ ଦାନ କରିପାରିବେ ।

### ୧. ସାଧାରଣ ଦାନ ଯୋଜନା (General Donation)

ଏହି ଯୋଜନାରେ ଜଣେ ଦାତା ଯେକୌଣସି ପରିମାଣର ଦାନ କରିପାରିବେ ।

### ୨. କର୍ପସ ଫଣ୍ଡ୍ ଦାନ ଯୋଜନା (Corpus Fund Donation Scheme)

ଏହି ଯୋଜନାରେ ଜଣେ ଦାତା ସର୍ବନିମ୍ନ ୧ ଲକ୍ଷ ଟଙ୍କାରୁ ଅଧିକ ଦାନ କରିପାରିବ ।
ଶ୍ରୀମନ୍ଦିର ପରିଚାଳନା ସମିତି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା ରାଜ୍ୟ ସରକାରଙ୍କ ଅନୁମତିରେ ଚାଲିଛି ।
ଏହି ଯୋଜନାରେ ଦାତାଙ୍କୁ ଧ୍ୱଜା ବନ୍ଧନ, ଦୀପ, ମହାପ୍ରସାଦ ଭଳି କେତେକ ସ୍ୱତନ୍ତ୍ର ସୁବିଧା ସହିତ ଭକ୍ତ ନିବାସ ରହଣୀରେ ସୁବିଧା ମିଳିଥାଏ ।

### ୩. ମନ୍ଦିରର ମରାମତି କିମ୍ବା ନବୀକରଣ ସମ୍ପର୍କିତ ଦାନ (Donation for Repair or Renovation)

ଏହି ଯୋଜନାରେ ସର୍ବନିମ୍ନ ୫୦୦ ଟଙ୍କାରୁ ଅଧିକ ଦାନ କରିହେବ ।
କେବଳ ଏହି ଯୋଜନାରେ ଦାତାଙ୍କୁ ଆୟକର ନିୟମ ୧୯୬୧ର ଧାରା ୮୦-ଏ ଅନୁସାରେ ସୁବିଧା ମିଳିଥାଏ ।

## (ଖ) କେମିତି କରିହେବ ଦାନ (How to Donate)

ନିମ୍ନଲିଖିତ ଉପାୟରେ ଦାନ ଗ୍ରହଣ କରାଯାଉଛି । ସେଗୁଡ଼ିକ ହେଲା-

**୧. ଅନଲାଇନ୍ ଡୋନେସନ୍ (Online Donation)**

ଶ୍ରୀମନ୍ଦିର ପ୍ରଶାସନର ୱେବସାଇଟ୍ (**www.shreejagannatha.in**) ଜରିଆରେ ଦାନ କରିହେବ ।

୨. ସେହିପରି ଶ୍ରୀମନ୍ଦିର ପ୍ରଶାସନ ମୁଖ୍ୟ କାର୍ଯ୍ୟାଳୟସ୍ଥିତ ଦାନ ପ୍ରକୋଷ୍ଠ, ଶ୍ରୀମନ୍ଦିର ପରିସରରେ ଥିବା ଶାଖା କାର୍ଯ୍ୟାଳୟ, ସିଂହଦ୍ୱାର ସ୍ଥିତ ସୂଚନା କେନ୍ଦ୍ର, ଶ୍ରୀଗୁଣ୍ଡିଚା ମନ୍ଦିର ସୂଚନା କେନ୍ଦ୍ର, ପୁରୀ ରେଳଷ୍ଟେସନ୍ ସୂଚନା କେନ୍ଦ୍ର ଏବଂ ଭୁବନେଶ୍ୱର ଜୟଦେବ ଭବନ ପରିସରସ୍ଥିତ ସୂଚନା କେନ୍ଦ୍ରରେ ମଧ୍ୟ ଦାନ ଗ୍ରହଣ କରାଯାଉଛି ।

୩. ଏହା ସହିତ ଦାତାମାନେ ଡିଡି (**DD**) / ଚେକ୍ (**Cheque**)/ମନିଅର୍ଡ଼ର (**Money Order**) ମାଧ୍ୟମରେ ବି ଦାନ ପଠାଇପାରିବେ ।




**(In Favour of Administrator, SJTA, Puri.)**

### ଠିକଣା ହେଲା

ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର, କାର୍ଯ୍ୟାଳୟ, ପୁରୀ
ପିନ୍-୭୫୨୦୦୧

(ଗ) ଅଧିକ ସୂଚନା ପାଇଁ ଯୋଗାଯୋଗ କରିପାରିବେ -

୧. ଦାନ ପ୍ରକୋଷ୍ଠ, ଶ୍ରୀମନ୍ଦିର କାର୍ଯ୍ୟାଳୟ- (୦୬୭୫୨-୨୫୨୬୦୧)

୨. ସେହିପରି ଶ୍ରୀମନ୍ଦିର ପ୍ରଶାସନର ଇ-ମେଲ୍ ଜରିଆରେ ମଧ୍ୟ ସୂଚନା ପାଇହେବ । (**jagannath.or@nic.in**) ।

୩. ଦାତାମାନେ ଏହି **QR Code scanner** ଜରିଆରେ ମଧ୍ୟ ଦାନ କରିପାରିବେ ।




ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।


*Printed & Published by Shree Jagannatha Temple Administration, Puri, Ph. : 06752-222002, Fax - 252100*
*E-mail : jagannath.or@nic.in * Web Site : www.shreejagannatha.in Printed at : Rama Press, Near Amala Club, Puri, Mob- 9437022145*
*@Shree Jagannatha Temple, Puri @jagannathadhaam @JagannathaDhaam @SJTA_Puri* ମୂଲ୍ୟ : ଦୁଇଟଙ୍କା ମାତ୍ର